ତହସିଲ୍ କାର୍ଯ୍ୟାଳୟ
କୁକୁଡ଼ାଖଣ୍ଡି (ଗଞ୍ଜାମ)

: 0680-2485551
e-mail ID: tah_kukudakhandi@yahoo.in

ପତ୍ର ନଂ 17181 / ତାରିଖ 05/12/25

ଲିଜ ମିସ୍ କେସ୍ ନଂ ୦୩/ ୨୦୨୫

## ସର୍ବସାଧାରଣ ନୋଟିସ

ଏତଦ୍ୱାରା ମୌଜା – ମହଡ଼ା, ଥାନା- ଦିଗପହଣ୍ଡି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ତଫସିଲଭୁକ୍ତ ଜମିର ଖାତାକୁ "ଆବାଦ ଅଯୋଗ୍ୟ ଅନାବାଦି" ରୁ "ଆବାଦ ଯୋଗ୍ୟ ଅନାବାଦି" ଓ କିସମକୁ "ପର୍ବତ" ରୁ "ପତିତ" ରେ ପରିଣତ କରି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗ୍ରାମବିକାଶ, ମହଡ଼ା ଙ୍କ ନାମରେ ମତ୍ସ୍ୟଚାଷ କେନ୍ଦ୍ର ଏବଂ ପ୍ରଦର୍ଶନ ଏବଂ ସୌର ଶକ୍ତି କେନ୍ଦ୍ର ଚଳାଇବା ନିମନ୍ତେ ଲିଜେ ସୂତ୍ରେ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବିତ ହୋଇଅଛି ।

ଏଣୁ ନିମ୍ନ ତଫସିଲଭୁକ୍ତ ଜମିର ଖାତା ଓ କିସମ ପରିବର୍ତ୍ତନ ଉପରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଯେ କୌଣସି କାର୍ଯ୍ୟ ଦିବସରେ ଲିଖିତ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହେବା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

### ତଫସିଲଭୁକ୍ତ ଜମିର ବିବରଣୀ

| ମୌଜା | ଖାତା ନଂ | ପ୍ଲଟ ନଂ | ପୂର୍ଣ୍ଣ ରକବା | ପ୍ରସ୍ତାବିତ ରକବା | କିସମ | ଯାହାଙ୍କ ନାମରେ ବନ୍ଦୋବସ୍ତ କରାଯିବ (ପ୍ରସ୍ତାବିତ ପ୍ରଜା) |
|---|---|---|---|---|---|---|
| ମହଡ଼ା | 670 (ଆବାଦ ଅଯୋଗ୍ୟ ଅନାବାଦି) | 1709 | 0.327 | 0.327 | ପର୍ବତ | କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗ୍ରାମବିକାଶ |
| | | 1732 | 0.825 | 0.825 | | |

ତହସିଲଦାର
କୁକୁଡ଼ାଖଣ୍ଡି, ଗଞ୍ଜାମ

ପରିପତ୍ର ନଂ 17182 / ତାରିଖ 05/12/25

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (DIO), NIC, ଗଞ୍ଜାମଙ୍କ ଅବଗତି ଓ ୱେବ-ସାଇଟ୍ ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, ଲାଠି ଦ୍ୱାରା ମୌଜା- ମହଡ଼ା ପ୍ରକାଶ୍ୟ ସ୍ଥାନରେ ଢେଙ୍କୁରା / ମାଇକିଙ୍ଗ ଦ୍ୱାରା ଜାରି କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ମହଡ଼ା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ / ସରପଞ୍ଚଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କୁକୁଡ଼ାଖଣ୍ଡିର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ଜାରି କରାଗଲା ।

ତହସିଲଦାର